# NATIONAL NEWS BULLETIN (ODIA)
## 3 June - 2025
## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ଜାତିସଂଘ ଭଳି ବହୁପକ୍ଷିୟ ମଞ୍ଚରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତର ପଦକ୍ଷେପକୁ ନିରନ୍ତର ସମର୍ଥନ ପ୍ରଦାନ କରୁଥିବାରୁ ପାରାଗୁଏର ଉଚ୍ଚ ପ୍ରଶଂସା କଲେ ରାଷ୍ଟ୍ରପତି ।
- ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳ ବଜାର ପାଲଟିଛି, କହିଲେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ଆନ୍ତଃ ରାଜ୍ୟ ପ୍ରସଙ୍ଗକୁ ନେଇ ଗୁଆହାଟୀ ଠାରେ ଆସାମ ଓ ମେଘାଳୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ।
- ନକଲ ପାଠ୍ୟପୁସ୍ତକ ପ୍ରସ୍ତୁତି, ବଣ୍ଟନ ଏବଂ ବିକ୍ରୟରେ ସଂଶ୍ଳିଷ୍ଟଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କଲା ଏନ୍.ସି.ଇ.ଆର୍.ଟି. ।

ଏବଂ

- ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ୨୦୨୫ର କାର୍ଯ୍ୟସୂଚୀ ଘୋଷିତ ।

# ପ୍ରେସିଡେଣ୍ଟ-ପାରାଗୁଏ ପ୍ରେଜ୍

ଜାତିସଂଘ ଭଳି ବହୁପକ୍ଷୀୟ ମଞ୍ଚ ସମେତ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତର ପଦକ୍ଷେପକୁ ନିରନ୍ତର ସମର୍ଥନ ପ୍ରଦାନ କରୁଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାରାଗୁଏକୁ ଉଚ୍ଚ ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ଭବନରେ ପାରାଗୁଏ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ପାଲାସିଓସ୍‌ଙ୍କୁ ସ୍ୱାଗତ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଉଭୟ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଏ କ୍ଷେତ୍ରରେ ଭାରତର ପଦକ୍ଷେପକୁ ସମର୍ଥନ କରିଥିବାରୁ ପାରାଗୁଏ ସରକାରଙ୍କୁ ରାଷ୍ଟ୍ରପତି ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ଗଣତନ୍ତ୍ର, ମାନବାଧିକାର, ସ୍ୱଚ୍ଛ ଶାସନ, ଅଭିବ୍ୟକ୍ତିର ସ୍ୱାଧୀନତା, ଶାନ୍ତି, ସାର୍ବଭୌମତ୍ୱ ପ୍ରତି ସମ୍ମାନ ଏବଂ ଆଞ୍ଚଳିକ ଅଖଣ୍ଡତା କ୍ଷେତ୍ରରେ ଉଭୟ ଦେଶ ସମାନ ନୀତି ଉପରେ ବିଶ୍ୱାସ କରନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ସହମତ ହୋଇଛନ୍ତି ।  ନୂତନ କ୍ଷେତ୍ର ଗୁଡ଼ିକରେ ସମ୍ପର୍କର ମାର୍ଗ ଉନ୍ମୁକ୍ତ କରିବାକୁ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଉପରେ ରାଷ୍ଟ୍ରପତି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶିକ୍ଷା, ନିଯୁକ୍ତି ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଦେଶର ଆର୍ଥିକ କ୍ଷେତ୍ରକୁ ସଶକ୍ତ କରିବାରେ ଉଭୟ ପକ୍ଷ ସହମତ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ।

# ପିଏମ୍-ଆଇଏଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିମାନ ପରିବହନ କ୍ଷେତ୍ରରେ ଭାରତ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହେଉଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଚାଲିଥିବା ଆନ୍ତର୍ଜାତିକ ବିମାନ ପରିବହନ ସଂଘ – ଆଇ.ଏ.ଟି.ଏ.ର ୮୧ତମ ବାର୍ଷିକ ସାଧାରଣ ବୈଠକକୁ ଗତକାଲି ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଗତ ଦଶନ୍ଧି ମଧରେ ବେସାମରିକ ବିମାନ ପରିବହନ କ୍ଷେତ୍ରରେ ଭାରତ ଯଥେଷ୍ଟ ଉନ୍ନତି କରିଛି । ବିଶ୍ୱସ୍ତରୀୟ ବିମାନ ଚଳାଚଳ ଇକୋ ସିଷ୍ଟମ୍‌ରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି । ବିଶ୍ୱସ୍ତରୀୟ ବିମାନ ସେବା କ୍ଷେତ୍ରରେ ଆଇ.ଏ.ଟି.ଏ. ବାର୍ଷିକ ସମ୍ମିଳନୀର ଉଲ୍ଲେଖନୀୟ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

**V/O-PM-AITA-SUMMIT-AIM**

କୃତ୍ରିମ ବୁଦ୍ଧିମତା, ରୋବୋଟିକ୍ସ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଦେଶର ଯୁବବର୍ଗ ସଫଳତା ହାସଲ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏକ ଉନ୍ମୁକ୍ତ ଏବଂ ସହାୟକ ନୀତି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ ।

**V/O-PM-ON-YOUTH**

ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳ ବଜାର ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଉଡ଼ାଣ ଯୋଜନାର ସଫଳତା ଉପରେ ସେ ଆଲୋକପାତ କରିଥିଲେ । ଦେଶରେ ବାର୍ଷିକ ୩ ଦଶମିକ୍ ୫ ନିୟୁତ ଟନ୍ ମାଲ ପରିବହନ ବିମାନ ଦ୍ୱାରା

କରାଯାଇଥାଏ ଏବଂ ଏହି ଦଶନ୍ଧି ଶେଷ ସୁଦ୍ଧା ଏହାର ପରିମାଣ ୧୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଭବିଷ୍ୟତ ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ରୂପରେଖ ପ୍ରସ୍ତୁତ ଉପରେ ଭାରତ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ସୁରକ୍ଷିତ ଏବଂ ସୁଗମ ଯାତ୍ରାକୁ ସୁନିଶ୍ଚିତ କରିବାର ପ୍ରୟାସ ଜାରି ରହିଛି । ବିମାନ ଚଳାଚଳ କ୍ଷେତ୍ରରେ ଅଭିବୃଦ୍ଧି ନିଯୁକ୍ତି କ୍ଷେତ୍ରରେ ଅଧିକ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ଦେଶରେ ଆହୁରି ୫୦ଟି ବିମାନ ବନ୍ଦର ବିକଶିତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରତିବର୍ଷ ପ୍ରାୟ ୮ଟି ବିମାନ ବନ୍ଦର ନିର୍ମାଣ ସହିତ ବିମାନ ଚଳାଚଳ ଭିତ୍ତିଭୂମିର ବିକାଶକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ଏହି ତିନି ଦିନିଆ ବାର୍ଷିକ ବୈଠକ ଆଜି ଶେଷ ହେଉଛି । ବିଭିନ୍ନ ଦେଶର ବିମାନ ଚଳାଚଳ କ୍ଷେତ୍ରର ଅଂଶିଦାରମାନେ ଏହି ବୈଠକରେ ଯୋଗଦେଇ ମତ ବିନିମୟ କରୁଛନ୍ତି ।

# ଆସାମ-ସିଏମ୍ ମିଟିଂ

ଆସାମ ଏବଂ ମେଘାଳୟ ମଧ୍ୟରେ ରହିଥିବା ବିଭିନ୍ନ ଆନ୍ତଃ ରାଜ୍ୟ ପ୍ରସଙ୍ଗକୁ ନେଇ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଗତକାଲି ବୈଠକ ଅନୁଷ୍ଠିତ ହୋଇଛି । ଗୁଆହାଟୀ ଠାରେ ଅନୁଷ୍ଠିତ ଏହି ବୈଠକରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗମା ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱଶର୍ମା କହିଛନ୍ତି, ଆନ୍ତଃ ରାଜ୍ୟ ସୀମା ବିବାଦ, ଗୁଆହାଟୀ କୃତ୍ରିମ ବନ୍ୟା ଏବଂ ଆସାମ-ମେଘାଳୟ ସୀମାବର୍ତ୍ତୀ କୁଲସିରେ ଏକ ବହୁମୁଖୀ ପ୍ରକଳ୍ପ ନିର୍ମାଣ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି । ପୂର୍ବରୁ ଉଭୟ ରାଜ୍ୟ ମଧ୍ୟରେ ପାରସ୍ପରିକ ସହମତି ମାଧ୍ୟମରେ ୬ଟି କ୍ଷେତ୍ରରେ ବିବାଦର ସମାଧାନ ହୋଇସାରିଛି । ପିଲାଙ୍ଗକାଟା ଅଞ୍ଚଳକୁ ବାଦ୍‌ଦେଇ ଉଭୟ ରାଜ୍ୟ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ଅନ୍ୟ ୫ଟି ସ୍ଥାନରେ ସୀମାସ୍ତମ୍ଭ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ପିଲାଙ୍ଗକାଟା ଅଞ୍ଚଳ ସହିତ ଜଡ଼ିତ ସମସ୍ୟା ଗୁଡ଼ିକର ସମାଧାନ ନେଇ ସମ୍ପୃକ୍ତ ଜିଲ୍ଲାର ଡେପୁଟି କମିଶନରଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ ବୋଲି ଶ୍ରୀ ବିଶ୍ୱଶର୍ମା କହିଛନ୍ତି । ମେଘାଳୟର ତିନୋଟି ଅଞ୍ଚଳରୁ ପ୍ରବାହିତ ପାଣି ଦ୍ୱାରା ଗୁଆହାଟୀରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବା ପ୍ରସଙ୍ଗ ନେଇ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ଶ୍ରୀ ବିଶ୍ୱଶର୍ମା କହିଛନ୍ତି ।

## ଏନ୍‌ସିଇଆର୍‌ଟି-ପାଇରେସି

ନକଲ ପାଠ୍ୟପୁସ୍ତକ ପ୍ରସ୍ତୁତି, ବଣ୍ଟନ ଏବଂ ବିକ୍ରୟରେ ଜଡ଼ିତ ଲୋକଙ୍କ ବିରୁଦ୍ଧରେ ଜାତୀୟ ଗବେଷଣା ଓ ତାଲିମ୍ ପରିଷଦ ଏନ୍.ସି.ଇ.ଆର୍.ଟି. ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ୫ ଲକ୍ଷରୁ ଏନ୍.ସି.ଇ.ଆର୍.ଟି. ନକଲ ପାଠ୍ୟପୁସ୍ତକ କପି, ବିପୁଳ ପରିମାଣର ମୁଦ୍ରଣ କାଗଜ ଏବଂ ୨୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଯନ୍ତ୍ରପାତିକୁ ଏନ୍.ସି.ଇ.ଆର୍.ଟି. ଜବତ କରିଛି । ଏ ପ୍ରକାର ଅନିୟମିତତାରେ ଜଡ଼ିତ ବ୍ୟବସାୟିଙ୍କ ବିରୁଦ୍ଧରେ ୨୯ଟି ମାମଲା ଏନ୍.ସି.ଇ.ଆର୍.ଟି. ପକ୍ଷରୁ ରୁଜୁ କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ କହିଛି, ଗତ ୧୪ ମାସ ମଧ୍ୟରେ ଏନ୍.ସି.ଇ.ଆର୍.ଟି. ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପାଠ୍ୟପୁସ୍ତକର ଗୁଣବତ୍ତା, ଉପଲବ୍ଧତା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନ୍.ସି.ଇ.ଆର୍.ଟି. ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ନିଟ୍ ପିଜି-ପୋଷ୍ଟପଣ୍ଡ

ଡାକ୍ତରୀ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଜାତୀୟ ପରୀକ୍ଷଣ ପରିଷଦ ଏନ୍.ବି.ଇ. ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଗୋଟିଏ ସିଫ୍ଟରେ ଏହି ପରୀକ୍ଷା ସମ୍ପୂର୍ଣ୍ଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ପରିଷଦ କହିଛି, ଅଧିକ ପରୀକ୍ଷା କେନ୍ଦ୍ର ଏବଂ ଆବଶ୍ୟକ ଭିତ୍ତିଭୂମି

ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପରୀକ୍ଷାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ସଂଶୋଧିତ ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

ସୂଚନା ଯୋଗ୍ୟ ଆସନ୍ତା ୧୫ ତାରିଖରେ ଏହି ପରୀକ୍ଷା ହେବାକୁ ଘୋଷଣା କରାଯାଇଥିଲା ।

## ଟ୍ରାଇ-ଡେଟ୍

ରେଟିଂ ଅଫ୍ ପ୍ରପର୍ଟିଜ୍ ଫର୍ ଡିଜିଟାଲ୍ କନେକ୍ଟିଭିଟି ରେଗୁଲେସନ୍ସ ୨୦୨୪ ଚିଠା ଉପରେ ମତାମତ ଦେବାର ଶେଷ ତାରିଖକୁ ବୃଦ୍ଧି କରାଯାଇଛି । ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ ଦେଇଥିବା ସୂଚନା ଅନୁଯାୟୀ ମତାମତ ଦେବାର ଶେଷ ତାରିଖ ଚଳିତ ମାସ ୯ ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ୧୬ ତାରିଖ ସୁଦ୍ଧା ପ୍ରତିମତାମତ ଦେବାକୁ ସମୟ ଧାର୍ଯ୍ୟ କରାଯାଇଛି ।

## ଆଇସିସି ୱିମେନ୍ସ ୱାର୍ଲ୍ଡକପ୍

ଆଇସିସି ମହିଳା ଏକଦିବସୀୟ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ୨୦୨୫ ଆସନ୍ତା ସେପ୍ଟେମ୍ବର ୩୦ ତାରିଖରୁ ନଭେମ୍ବର ୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଭାରତ ଏବଂ ଶ୍ରୀଲଙ୍କାରେ ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଖେଳାଯିବ । ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ଗତକାଲି କଲମ୍ବୋଠାରେ

ଏହାର କାର୍ଯ୍ୟସୂଚୀ ଘୋଷଣା କରିଛି । ପ୍ରତିଯୋଗିତାର ଏହି ୧୩ତମ ସଂସ୍କରଣରେ ଭାରତ ଏବଂ ଶ୍ରୀଲଙ୍କାର ୫ଟି ସ୍ଥାନରେ ମ୍ୟାଚ୍ ଖେଳାଯିବ । ୮ଟି ଦଳ ଏଥିରେ ଅଂଶଗ୍ରହଣ କରିବେ । ଭାରତର ବେଙ୍ଗାଲୁରୁ, ଗୁଆହାଟୀ, ଇନ୍ଦୋର ଏବଂ ବିଶାଖାପାଟନା ଓ ଶ୍ରୀଲଙ୍କାର କଲମ୍ବୋ ଠାରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ବେଙ୍ଗାଲୁରୁ କିମ୍ବା କଲମ୍ବୋ ଠାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବା ବୋଲି ଆଇ.ସି.ସି. ସୂଚନା ଦେଇଛି । ଏହି ପ୍ରତିଯୋଗିତାରେ ଭାରତ ସମେତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନ ଅଂଶଗ୍ରହଣ କରିବେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଆଜି ସନ୍ଧ୍ୟାରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ । ଟାଇଟଲ ହାସଲ ପାଇଁ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

# ଆଇଏମ୍‌ଡି

ଦେଶର ଆଜି କେତେକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ସେହି ରାଜ୍ୟଗୁଡ଼ିକ ହେଉଛି ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରା । ଦିଲ୍ଲୀ, ଅରୁଣାଚଳ ପ୍ରଦେଶ, ପୂର୍ବ ରାଜସ୍ଥାନ, ହରିଆଣା, ଚଣ୍ଡିଗଡ଼, କେରଳ, ମାହେ, କୋଙ୍କଣ, ଗୋଆ, ପଞ୍ଜାବ ଏବଂ ଉତ୍ତରାଖଣ୍ଡର କେତେକ ସ୍ଥାନରେ ମଧ୍ୟ ଆଜି ପ୍ରବଳ ବର୍ଷା ହୋଇପାରେ । ପାଣିପାଗ ବିଭାଗ କହିଛି, ଆସନ୍ତାକାଲି ପର୍ଯ୍ୟନ୍ତ ଉପକୂଳ ଆନ୍ଧ୍ରପ୍ରଦେଶ, ଗାଙ୍ଗେୟ ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ, ପୁଡୁଚେରୀ ଏବଂ କରିକାଲରେ ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେବ ।